## ଶ୍ରୀ ନୀଳକଣ୍ଠେଶ୍ୱରଙ୍କୁ ଲାଗିହେଲା ରସଗୋଲା

ଖଣ୍ଡପଡ଼ା, (ସ୍ୱ.ପ୍ର.): ଖଣ୍ଡପଡା ସହରର ଆରାଧ ଦେବ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ଦେବଙ୍କୁ ସୋମବାର ଭୋଗ ଆକାରରେ ରସଗୋଲା ଲାଗି କରାଯାଇଥିଲା। ଚିତଉ ଅମାବାସ୍ୟା ହୋଇଥିବାରୁ ପ୍ରଭୁଙ୍କୁ ୧୦୮ ବେଲପତ୍ର ସହ ୧୦୮ ଗୋଟି ରସଗୋଲା ସମର୍ପଣ କରାଯାଇଥିଲା । ମନ୍ଦିର ପୂଜକ ଦୀନବନ୍ଧୁ ମହାପାତ୍ର ଓ ବରଦା ଶଙ୍କର ମିଶ୍ର ଠାକୁରଙ୍କୁ ପୂଜାର୍ଚ୍ଚନା ସହ ନୀତିକାନ୍ତି ତୁଲାଇଥିଲେ ।



## ସଂକ୍ଷେପରେ

### ଲେବର କ୍ୟାମ୍ପରୁ ଖସିଗଲେ ଶ୍ରମିକ

ପାରାଦୀପ,୨୦ା୭(ସ୍ୱ.ପ୍ର.): ପାରାଦୀପ ବ୍ଲକ ଅନ୍ତର୍ଗତ ଅଭୟଚାନ୍ଦପୁର ଥାନା ପାଖରେ ଥିବା ଲେବର କ୍ୟାମ୍ପରୁ କେତେଜଣ ଶ୍ରମିକ ଟିଣ କାନ୍ଥ ଓ ତାର ଜାଲି କାଟି ପଳାଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ଫେରାରଙ୍କ ମଧ୍ୟରେ ଜଣେ କରୋନା ପଜିଟିଭ ଥିବା ଅଭୟଚାନ୍ଦପୁର ଥାନାଧିକାରୀ ଯୁଗଳ କିଶୋର ଦାସ କହିଛନ୍ତି। ସମସ୍ତ ପଜିଟିଭ ବାହାର ରାଜ୍ୟର ହୋଇଥିବା ବେଳେ ତୈଳ ବିଶୋଧନାଗାର ମେଣ୍ଟେନାନ୍ସ କାର୍ଯ୍ୟ ପାଇଁ ପାରାଦୀପ ଆସିଥିବା ସୂଚନା ମିଳିଛି।

### ଜଗତ୍‌ସିଂହପୁରରେ ପୁଣି ୩୫ କରୋନା ପଜିଟିଭ୍

ଜଗତ୍‌ସିଂହପୁର ଅଫିସ, ୨୦ା୭: ଜଗତ୍‌ସିଂହପୁର ଜିଲାରେ ପୁଣି ୩୫ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ସଂକ୍ରମିତ ସଂଖ୍ୟା ୫୬୬ରେ ପହଞ୍ଚିଛି। ରବିବାର ୪୦ ଓ ସୋମବାର ୩୫ କରୋନା ପଜିଟିଭ୍ ଚିହ୍ନଟ ହେବା ଖବର ଜିଲାବାସୀଙ୍କ ମନରେ ଭୟ ସୃଷ୍ଟି କରିଛି । ସଂକ୍ରମିତଙ୍କ ମଧ୍ୟରେ ପାରାଦୀପରୁ ୧୬, ବାଲିକୁଦା ୧୨, ବିରିଡ଼ି ୨, ଜଗତ୍‌ସିଂହପୁର ବ୍ଲକ ୨, ଜଗତ୍‌ସିଂହପୁର ପୌରପରିଷଦ ୨ ଓ ରଘୁନାଥପୁରରୁ ଜଣେ ରହିଛନ୍ତି। ପାରାଦୀପର ୧୬ ଜଣଙ୍କ ମଧ୍ୟରୁ ବିହାରରୁ ୧୩, ରାଜସ୍ଥାନରୁ ୧ ଓ ଆଇଓସିଏଲ୍ ଟେକ୍‌ନିସିଆନ୍ ୨ ଜଣ ରହିଛନ୍ତି ।

### ୩ ୱାର୍ଡ ୭ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍

ତେରାବିଶ, ୨୦ା୭(ସ୍ୱ.ପ୍ର.): ତେରାବିଶ ବ୍ଲକ ଅଧୀନ ବସୁପୁର ଓ ଚାଟରାଚକଡ଼ାରେ ରବିବାର ୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ସୋମବାର ଗୋଲରାହାଟ ପଞ୍ଚାୟତର ଗୋଲରାହାଟ ଗ୍ରାମରେ ଆଉଜଣେ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ରବିବାର ବସୁପୁର ପଞ୍ଚାୟତର ହାଟବାଣପୁର ଗ୍ରାମକୁ ୪୮ ଘଣ୍ଟା ଓ ସୋମବାର ଗୋଲରାହାଟ ଗ୍ରାମର ୧୦ନଂ., ୧୨ନଂ. ଓ ୧୩ନଂ. ୱାର୍ଡକୁ ୭ଦିନ ପାଇଁ କଣ୍ଟେନ୍‌ମେଣ୍ଟ ଜୋନ୍ ଘୋଷଣା କରାଯାଇଛି।

### ବିଶିଷ୍ଟ ବାମପନ୍ଥୀ ନେତାଙ୍କ ପରଲୋକ

ବିରିଡି,୨୦ା୭(ଡି.ଏନ୍.ଏ.): ବିରିଡି ବ୍ଲକ ଅନ୍ତର୍ଗତ ୨୨ମୌଜା ଚାଷୀଖଣ୍ଡର ଗ୍ରାମର ବିଶିଷ୍ଟ ବାମପନ୍ଥୀ ନେତା ବଂଶୀଧାର ଦାସ (୮୮)ଙ୍କ ସୋମବାର ପରଲୋକ ଘଟିଛି। ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ହୋଇ କଟକ ବଡଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଖବରପାଇ ସୁବାସ ସିଂ, ଅଜୟ ରାଉତ, ରଶ୍ମୀରଞ୍ଜନ ବେହେରା, ଲୋଭାକାନ୍ତ ସ୍ୱାଇଁ ପ୍ରମୁଖ ତାଙ୍କ ଶେଷ ଦର୍ଶନ କରିଛନ୍ତି। ଚାଷୀଖଣ୍ଡରେ ଦାସଙ୍କ ମୃତଦେହ ସତ୍କାର କରାଯାଇଛି। ଜ୍ୟେଷ୍ଠ ପୁତ୍ର ଅସିମ ଅମିତାଭ ମୁଖାଗ୍ନି ଦେଇଥିଲେ। ସ୍ୱର୍ଗତ ଦାସ ପିଲାଦିନରୁ ବାମପନ୍ଥୀ ଆନ୍ଦୋଳନରେ ଯୋଗଦେଇ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ସେ ଅବିଭକ୍ତ କଟକ ଜିଲାରେ ସିପିଆଇଏମ୍‌ର ପୂର୍ବତନ ସମ୍ପାଦକ ଥିଲେ। ୧୯୭୫ରେ ଦେଶର ଜରୁରିକାଳୀନ ସମୟରେ ସେ କାରାବରଣ କରିଥିଲେ।

# ଷଡ଼ଯନ୍ତ୍ରର ଶିକାର ବ୍ୟାସନଗର ସହର

ଯାଜପୁର ରୋଡ୍,୨୦ା୭(ଡି.ଏନ୍.ଏ.)

■ଜମି ଥାଇ ବି ଭୂମିହୀନ ୫ ହଜାର ପ୍ରଜା
■ପୁଞ୍ଜୀଭୂତ ଅସନ୍ତୋଷ ଆନ୍ଦୋଳନର ରୂପ ନେଉଛି

ଯାଜପୁର ଜିଲାର ଅନ୍ୟତମ ପ୍ରମୁଖ ସହର ବ୍ୟାସନଗର ସବୁକ୍ଷେତ୍ରରେ ଅବହେଳିତ ଓ ଷଡଯନ୍ତ୍ରର ଶିକାର ବୋଲି ଅଭିଯୋଗ ହୋଇଆସୁଛି। ରାସ୍ତା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ, ଶିକ୍ଷା ଆଦି କ୍ଷେତ୍ରରେ ସହରକୁ ଅଣଦେଖା କରାଯାଉଛି। ଏପରିକି ସହରର ୫ହଜାରରୁ ଊର୍ଦ୍ଧ୍ୱ ପ୍ରଜା ଜମି ସମସ୍ୟାରେ ଛନ୍ଦି ହୋଇଛନ୍ତି। ଜମି ଥାଇ ବି ସେମାନେ ଭୂମିହୀନ ଭଳି ଜୀବନ ଅତିବାହିତ କରୁଛନ୍ତି। ଗତ ୮ ବର୍ଷ ହେବ ସହରବାସୀ ପଟ୍ଟା ଖଣ୍ଡିକ ପାଇଁ ବାରଦୁଆର ହେଉଥିବାବେଳେ ଏକ ବଡ଼ଧରଣର ଷଡ଼ଯନ୍ତ୍ରର ଶିକାର ହୋଇ ନିରାଶ ହେଉଛନ୍ତି। ଏଥିରୁ ରାଜ୍ୟ ସରକାରଙ୍କ ଉପରୁ ସେମାନଙ୍କ ଆସ୍ଥା ତୁଟିଯାଉଛି। ଏନେଇ ସହରବାସୀ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନ ପାଇଁ ସଜବାଜ ହେଉଥିବ ସୂଚନା ମିଳିଛି।

ବ୍ୟାସନଗର ତହସିଲ ଅନ୍ତର୍ଗତ ଚୋର୍ଦ୍ଦା, ରମ୍ପାସ, ମୁଣ୍ଡମାଳ ଓ ଉମାପଦା ମୌଜାର ପ୍ରଜାମାନଙ୍କ ଉପରେ କରାଯାଇଥିବା ଓଏସ୍‌ଏସ୍(ଓଡିଶା ସର୍ଭେ ଆଣ୍ଡ ସେଟେଲମେଣ୍ଟ) ମାମଲା ପ୍ରତ୍ୟାହାର କରିବାକୁ ବ୍ୟାସନଗର ଜମି ସୁରକ୍ଷା କମିଟି ବିଭିନ୍ନ ସମୟରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଆସୁଛି। ମିଳିଥିବା ସୂଚନା ଅନୁଯାୟୀ ସୁକିନ୍ଦା ଏକ୍ସ-ଇଣ୍ଟରମିଡିଆରିଙ୍କଠାରୁ ମୁଣ୍ଡମାଳ ମୌଜାର ମନ୍ମଥ କୁମାର ସିଲ, ଅମୂଲ୍ୟ କୃଷ୍ଣ ରାୟ ପ୍ରମୁଖ ନିଜ ନାମରେ ୧୯୩୨ରୁ ୧୯୪୬ ପର୍ଯ୍ୟନ୍ତ ଲିଜ୍ ସୂତ୍ରେ କିଛି ଜମି ହାସଲ କରିଥିଲେ। ଏହି ଜମି ୧୯୩୨ରୁ ୧୯୩୭ ପର୍ଯ୍ୟନ୍ତ ଖଜଣାମୁକ୍ତ ଥିଲା। ୧୯୩୭ରୁ ୧୯୫୧ ପର୍ଯ୍ୟନ୍ତ ଏହା ଖଜଣାଭୁକ୍ତ ହୋଇଥିଲା। ୧୯୫୨ରୁ ୨୦୧୫ ପର୍ଯ୍ୟନ୍ତ ସରକାରୀ ଖଜଣାଭୁକ୍ତ ଏବଂ ୨୦୧୫ରୁ ୨୦୧୯ ପର୍ଯ୍ୟନ୍ତ କୋର୍ଟ ନିର୍ଦ୍ଦେଶ ବଳରେ ସିଲିଂ କେସ୍ ନମ୍ବର ୫୭, ୫୮/୧୯୭୫ ଅନୁସାରେ ଏହା ଆଶିଷ କୁମାର ରାୟ ଓ ସଲିଲ କୁମାର ସିଲଙ୍କ ନାମରେ ସରକାରୀ ସ୍ୱୀକୃତିପ୍ରାପ୍ତ ହୋଇଛି। ଏହାବ୍ୟତୀତ ୧୯୮୨ର ସେଟେଲମେଣ୍ଟ ଅପରେଶନ ପରଠାରୁ ୨୦୦୯ ମଧ୍ୟରେ ଏହି ସ୍ୱୀକୃତିପ୍ରାପ୍ତ ପ୍ରଜାମାନେ ଯେଉଁ ବ୍ୟକ୍ତିବିଶେଷଙ୍କୁ ବିକ୍ରି କବଲା ସୂତ୍ରେ ଜମି ବିକ୍ରି କରିଛନ୍ତି, ସେମାନଙ୍କୁ ମଧ୍ୟ ସରକାର ସ୍ଥାୟୀ ପ୍ରଜାଭାବେ ଗ୍ରହଣ କରି ସମସ୍ତଙ୍କୁ ନଟଫାଇନାଲ ପଟ୍ଟା ପ୍ରଦାନ କରିଛନ୍ତି। ଏହାସହ ମୁଣ୍ଡମାଳ ମୌଜାର ୨୨୩ ଓ ୯୭ ନମ୍ବର ଖାତାଭୁକ୍ତ କିଛି ଜମି କୋପଣ୍ଡ ଓ ବୀରମଣିପୁରକୁ ସ୍ଥାନାନ୍ତର ହୋଇଛି। ସେହି ପ୍ରଜାମାନଙ୍କୁ ସ୍ଥାୟୀ ପଟ୍ଟା ପ୍ରଦାନ କରାଯାଇଛି। କିନ୍ତୁ ବିଡମ୍ବନା ଯେ, ୨୨୩ ଓ ୯୭ ଖାତାର ମୂଳ ଜମାବନ୍ଦୀଭୁକ୍ତ ପ୍ରଜାମାନଙ୍କ ନାମରେ ସରକାର ୨୦୦୯ରୁ ଝାଟି ଜଙ୍ଗଲ କିସମ ଦର୍ଶାଇ ଓଏସ୍‌ଏସ୍ ମାମଲା ରୁଜୁ କରି ସେମାନଙ୍କୁ ହଇରାଣ କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ଜିଲାପାଳ ତଦନ୍ତ କରି ରିପୋର୍ଟ ଦାଖଲ କରି ସାରିଥିଲେ ହେଁ ଜମି ସମସ୍ୟାର ସମାଧାନ ହୋଇ ପାରିନାହିଁ। ବୋର୍ଡ ଅଫ ରେଭିନ୍ୟୁଙ୍କ ନିର୍ଦ୍ଦେଶ ମଧ୍ୟ ଏଠାରେ ଅକାମୀ ହୋଇ ପଡ଼ିରହିଛି। ୨୦୧୭ରେ ବିଧାନସଭାର ଏକ ଉଚ୍ଚସ୍ତରୀୟ କମିଟି ଏହି ଜମି ସମସ୍ୟା ଉପରେ ୩ ଥର ଭେରିଫିକେସନ କରି ଜିଲାପାଳଙ୍କୁ ୩ ମାସ ମଧ୍ୟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। କେବଳ ମୁଣ୍ଡମାଳ ମୌଜାର ଭେରିଫିକେସନ ରିପୋର୍ଟ ଯାଇଥିବାବେଳେ ବାକି ରମ୍ପାସ, ଚୋର୍ଦ୍ଦା ଓ ଉମାପଦା ମୌଜାର ରିପୋର୍ଟ ଦାଖଲ ହୋଇ ନ ଥିବା କୁହାଯାଇଛି। ଏଥିପାଇଁ ଉପଯୁକ୍ତ ପଦକ୍ଷେପ ନେବାରେ ଟାଳଟୁଳ ନୀତି ଅବଲମ୍ବନ କରାଯାଉଛି ବୋଲି ପ୍ରଭାବିତ ପ୍ରଜାମାନେ ଅଭିଯୋଗ କରିଛନ୍ତି। ବ୍ୟାସନଗର ଜମି ସୁରକ୍ଷା କମିଟିର ସମ୍ପାଦକ ନାରାୟଣ ଚନ୍ଦ୍ର ପତି କୁହନ୍ତି, ଜମି ସମସ୍ୟାର ସମାଧାନ କରିବାକୁ ଏକ କମିଟି ଗଠନ କରାଯାଇଛି। ଜିଲାପାଳ ଏପର୍ଯ୍ୟନ୍ତ ଉକ୍ତ କମିଟିକୁ କାର୍ଯ୍ୟକାରୀ କଲେ ନାହିଁ। ଫଳରେ ସେହି ପ୍ରଜାମାନେ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାର ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଦାବି କରିଛନ୍ତି। ପ୍ରଭାବିତ ପ୍ରଜା ଶୁଭଜିତ୍ ରାୟ କୁହନ୍ତି, ଜମି ସମସ୍ୟାର ସମାଧାନ ନ ହେବାରୁ ବହୁ ପ୍ରଜା ହଇରାଣ ହେଉଛନ୍ତି। ଏଥିପାଇଁ ସରକାର ମଧ୍ୟ ଆଦୌ ଧ୍ୟାନ ଦେଇ ନାହାନ୍ତି। ତେଣୁ ଆଗାମୀ ଦିନରେ ଏକ ବଡଧରଣର ଆନ୍ଦୋଳନର ପୁଞ୍ଜୀଭୂତ ହେଉଛି ବୋଲି ସେ କହିଛନ୍ତି।

## ଚିତା ଲାଗି ହେଲେ ନୀଳମାଧବ ଜୀଉ



ଖଣ୍ଡପଡ଼ା,୨୦ା୭(ସ୍ୱ.ପ୍ର.)

ପବିତ୍ର ଚିତାଲାଗି ଅମାବାସ୍ୟା ଅବସରରେ କଣ୍ଟିଲୋ ବିଜେ ନୀଳମାଧବ ଜୀଉଙ୍କୁ ସୋମବାର ସୁବର୍ଣ୍ଣର ଚିତାଲାଗି କରାଯାଇଥିଲା। ପୂର୍ବାହ୍ନ ପ୍ରାୟ ସାଢେ ୧୧ଟାରେ ଶ୍ରୀ ଜୀଉଙ୍କ ସକାଳଧୂପ ପରେ ମନ୍ଦିର ମୁଖ୍ୟ ପୂଜକ ସୁବର୍ଣ୍ଣ ଚିତା ଧରି ବେଢ଼ା ପରିକ୍ରମା କରିଥିଲେ। ପରେ ଏହାକୁ ଶ୍ରୀ ଜୀଉଙ୍କୁ ପ୍ରଦାନ କରାଯାଇଥିଲା। ଏହି ଅବସରରେ ସ୍ୱତନ୍ତ୍ର ଭୋଗ ଖିର ଓ ଚିତଉ ପିଠା ଠାକୁରଙ୍କୁ ଲାଗି ହୋଇଥିଲା। ସେହିପରି ଖଣ୍ଡପଡ଼ା ବ୍ଲକ ସିଧାମୂଳା ଗୋକୁଳାନନ୍ଦ ଜୀଉଙ୍କ ଚିତାଲାଗି ପରମ୍ପରା ଅନୁଷ୍ଠିତ ହୋଇଯାଇଛି।

# ଉମାପଦା ଅଞ୍ଚଳକୁ ସାନିଟାଇଜ ଦାବି

ଯାଜପୁର ଅଫିସ/ଯାଜପୁର ରୋଡ (ଡି.ଏନ.ଏ.),୨୦ା୭

■ଜିଲାରେ ପୁଣି ୨୮ ନୂଆ ସଂକ୍ରମିତ
■ହଜାରେ ଟପିଲା ସଂକ୍ରମିତ ସଂଖ୍ୟା

କରୋନା ଚିକିତ୍ସା କ୍ଷେତ୍ରରେ ନିୟୋଜିତ କର୍ମଚାରୀମାନଙ୍କ ରହିବାକୁ ଯାଜପୁରରୋଡ୍‌ର ଉମାପଦା ନିକଟସ୍ଥ ଏକ ହୋଟେଲରେ ପ୍ରଶାସନ ତରଫରୁ ବ୍ୟବସ୍ଥା କରାଯାଇଛି। ସେହି ହୋଟେଲ ଆଖପାଖ ଅଞ୍ଚଳ ବାହାରକୁ ବର୍ଜ୍ୟପାଣି ନିଷ୍କାସନ ହେବା ସହ ଅଳିଆ ଆବର୍ଜନା ପକାଯାଉଛି। ଏହି କ୍ରମରେ ଉମାପଦା ୱାର୍ଡକୁ ନିୟମିତ ଭାବେ ସାନିଟାଇଜ କରୁ ନ ଥିବାରୁ ସଂପୃକ୍ତ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଯାଜପୁର ଜିଲାରେ ସୋମବାର ପୁଣି ୨୮ ଜଣ ନୂଆ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାରେ ମୋଟ କରୋନା ଆକ୍ରାନ୍ତ ହଜାରେ ଟପି ୧୦୨୧ରେ ପହଞ୍ଚିଛି। ନୂଆ ସଂକ୍ରମିତଙ୍କ ମଧ୍ୟରେ ଯାଜପୁର ବ୍ଲକ ୯, ଦଶରଥପୁର ବ୍ଲକ ୧୧, ବିଞ୍ଝାରପୁର ୧, ବରୀ ୫, ବଡ଼ଚଣା ୨ ଜଣ ରହିଛନ୍ତି। ଏଥିମଧ୍ୟରୁ ୯ ଜଣ ସ୍ଥାନୀୟ ବ୍ୟକ୍ତି ହୋଇଥିବାବେଳ ୧୯ ଜଣ ରାଜ୍ୟ ବାହାର ଫେରନ୍ତା ବୋଲି ସୂଚନା ମିଳିଛି। ଅନ୍ୟପକ୍ଷେ ୨୦ ଜଣ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ଏହାସହ ବରୀ ବ୍ଲକ ଭଅଁରା ପଞ୍ଚାୟତ ଭୁରୁଙ୍ଗା ଗ୍ରାମ(୧୫୦ ପରିବାର)କୁ ଆସନ୍ତା ୩ ତାରିଖ ପର୍ଯ୍ୟନ୍ତ କଣ୍ଟେନମେଣ୍ଟ ଜୋନ ଭାବେ ଘୋଷଣା କରାଯାଇଛି।

# ୨୩ରୁ ଖଣି ଅଞ୍ଚଳରେ ଆନ୍ଦୋଳନ



ବୈଠକରେ ମହିଳାମାନେ।

କାଳିଆପାଣି, ୨୦ା୭ (ଡି.ଏନ୍.ଏ.)

**ଜିଲା ଖଣିଜ ପାଣ୍ଠିରେ ଡାକ୍ତରଖାନା ପ୍ରତିଷ୍ଠା ଦାବି**

ଜିଲା ଖଣିଜ ପାଣ୍ଠି (ଡିଏମ୍‌ଏଫ୍) ଖର୍ଚ୍ଚ କରାଯାଇ କାଳିଆପାଣି ଖଣି ଅଞ୍ଚଳର କାଳିଆପାଣି ଓ ଟମକାଠାରେ ଦୁଇଟି ଡାକ୍ତରଖାନା ପ୍ରତିଷ୍ଠା କରିବାକୁ ଦାବି ହେଉଥିଲେ ବି ଜିଲା ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେଉ ନ ଥିବାରୁ ଖଣି ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ଦୁଇଟି ଡାକ୍ତରଖାନା ପ୍ରତିଷ୍ଠା କରି ଅଞ୍ଚଳବାସୀଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦିଆ ନଗଲେ ମହିଳାମାନେ ଆସନ୍ତା ୨୩ତାରିଖରୁ ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ସୋମବାର ପୂର୍ବତନ ସରପଞ୍ଚ ଜିନିତା ପଣ୍ଡାଙ୍କ ସଭାପତିତ୍ୱରେ ବିର୍ସାନଗରଠାରେ ମହିଳାମାନଙ୍କର ଏକ ବୈଠକ ବସିଥିଲା। ଖଣି ଅଞ୍ଚଳବାସୀଙ୍କ ଶିକ୍ଷା, ସ୍ୱାସ୍ଥ୍ୟସେବା ଆଦିର ଉନ୍ନତୀକାରଣ ପାଇଁ ଜିଲା ଖଣିଜ ପାଣ୍ଠି ଖର୍ଚ୍ଚ କରାଯିବା କଥା। ହେଲେ ଜିଲା ପ୍ରଶାସନର ବୈମାତୃକ ମନୋଭାବ ଯୋଗୁ ଏହା ଖଣି ଅଞ୍ଚଳବାସୀ ସୁବିଧା ପାଇପାରୁନାହାନ୍ତି। କାଳିଆପାଣି ଓ ଟମକାଠାରେ ୨ଟି ଡାକ୍ତରଖାନା ପ୍ରତିଷ୍ଠା କରାଯିବ ବୋଲି ୨୦୧୯ ଡ଼ିସେମ୍ବର ୩୧ ତାରିଖରେ କାଳିଆପାଣିଠାରେ ଏକ ସମାଧାନ ବୈଠକରେ ଜିଲା ପ୍ରଶାସନ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ମାତ୍ର ଏ ପର୍ଯ୍ୟନ୍ତ ଏହା ଆରମ୍ଭ ହୋଇନାହିଁ। ଏ ଦିଗରେ ଆବଶ୍ୟକ ପଦକ୍ଷେପ ନିଆ ନ ଗଲେ ଆଗାମୀ ୨୩ ତାରିଖରୁ ଖଣି ଅଞ୍ଚଳରେ ମହିଳାମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି। ବୈଠକରେ ଆଦିବାସୀ ନେତ୍ରୀ ଜେମା ଚାମ୍ପି, ସୁନୁ ମଲସଣ୍ଡୀ, ସୀତା ଶୁଣ୍ଡୀ, ସୁକାନ୍ତି ମାଲସାଣ୍ଡୀ, ପୁଜା ଟୁଟୁ, ଜାନକୀ ଜେରାଇ, ଶୁଶିଲା ମୁଣ୍ଡା, ସୁମୁନୀ ତିରିଆ,ଚୁନି ଟୁଡୁ, ବୁଦୁନୀ ହେମ୍ବ୍ରମ ପ୍ରମୁଖ ଉପସ୍ଥିତ ଥିଲେ।

## ୭ ଦିନରେ ୫୦ ଆକ୍ରାନ୍ତ, ଚିହ୍ନଟ ହେଲେଣି ୩୫୨

କେନ୍ଦ୍ରାପଡ଼ା ଅଫିସ, ୨୦ା୭

ଚଳିତ ମାସ ୧୩ ତାରିଖରେ କେନ୍ଦ୍ରାପଡ଼ା ଜିଲାରେ ୨୯୯ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଗତ ୭ଦିନ ମଧ୍ୟରେ ଆକ୍ରାନ୍ତଙ୍କ ସଂଖ୍ୟା ୩୫୨ରେ ପହଞ୍ଚିଛି। ଜିଲାରେ ଗତ ଏପ୍ରିଲ ୭ରେ ଆଳି ଅଞ୍ଚଳରୁ ପ୍ରଥମ କରୋନା ଆକ୍ରାନ୍ତଙ୍କ ଚିହ୍ନଟ ହୋଇଥିଲା। ତେବେ ୧୦୦ ସଂଖ୍ୟା ଛୁଇଁବା ପାଇଁ ଜୁନ ୧ ତାରିଖ ପର୍ଯ୍ୟନ୍ତ ସମୟ ଲାଗିଥିବା ବେଳେ ପରବର୍ତ୍ତୀ ୧୦୦ ପାଇଁ ୨୦ ଓ ଆଉ ଶହେ ପାଇଁ ୨୩ଦିନ ଲାଗିଛି। ଇତିମଧ୍ୟରେ ଦୁଇଟି ମୃତ୍ୟୁକୁ ଜିଲା ପ୍ରଶାସନ ପକ୍ଷରୁ ସ୍ୱୀକାର କରାଯାଇଛି। ତେବେ ଏହି ସଂଖ୍ୟା ୫ ବୋଲି ଆଲୋଚନା ହେଉଛି। ଜିଲା ପ୍ରଶାସନ ପକ୍ଷରୁ ରବିବାର ଓ ସୋମବାର ୩ ମୃତଦେହ ସଂସ୍କାର କରାଯାଇଥିବାରୁ ଏମାନେ କରୋନା ଆକ୍ରାନ୍ତ ଥିବା ଚର୍ଚ୍ଚା ହେଉଛି। ଏହି ମୃତକମାନେ ଆଳି, କରିଲୋପାଟଣା ଓ ସହରର ବଡହାଟ ଅଞ୍ଚଳର। ସୋମବାର ୪ ନୂତନ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଅଦ୍ୟାବଧି ସୁସ୍ଥଙ୍କ ସଂଖ୍ୟା ୨୯୩ ବୋଲି ଜିଲାପାଳ ସମର୍ଥ ବର୍ମା ସୂଚନା ଦେଇଛନ୍ତି ।

## ରାସ୍ତାକଡ଼ରେ ନବଜାତ ଶିଶୁପୁତ୍ରର ମୃତଦେହ

ନୟାଗଡ଼ ଅଫିସ/ନୂଆଗାଁ, ୨୦ା୭(ଡି.ଏନ୍.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ଶିଖରଗୋଛା ରାସ୍ତା କଡରୁ ସୋମବାର ଏକ ନବଜାତ ଶିଶୁର ମୃତଦେହ ଉଦ୍ଧାର ହୋଇଛି। ନୂଆଗାଁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ବ୍ୟବଚ୍ଛେଦ କରାଇ ପୋତିଦେଇଛି। ଏହାସହ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁକରି ଘଟଣାର ତଦନ୍ତ ଆରମ୍ଭ କରିଛି। କେହି ମା' ଶିଶୁକୁ ଜନ୍ମଦେଇ ଏଠାରେ ଫିଙ୍ଗିଦେଇଥିବା ଅନୁମାନ କରାଯାଉଛି।

## ଶ୍ରୀ ବଳଦେବଜୀଉଙ୍କୁ ଲାଗିହେଲା ଚିତା



କେନ୍ଦ୍ରାପଡ଼ା ଅଫିସ, ୨୦ା୭

ତୁଳସୀ କ୍ଷେତ୍ରାଧିପତି ମହାପ୍ରଭୁ ସିଦ୍ଧ ବଳଦେବଜୀଉଙ୍କ ଚିତାଲାଗି ପର୍ବ ସୋମବାର ଅନୁଷ୍ଠିତ ହୋଇଯାଇଛି। ରୀତିନୀତି ଅନୁଯାୟୀ ଦ୍ୱିପ୍ରହର ଧୂପ ପୂର୍ବରୁ ମନ୍ଦିର ପୁରୋହିତଙ୍କ ଦ୍ୱାରା ମଝି ଦେଉଳରେ ଜଳସିଞ୍ଚନ ସହ କଳସ ସ୍ଥାପନ ହୋଇଥିଲା। ପରେ ଶ୍ରୀଜୀଉଙ୍କ ମଙ୍ଗଳାର୍ପଣ କରାଯାଇଥିଲା। ଏହି ଅବସରରେ ତିନି ଠାକୁରଙ୍କୁ ପାରମ୍ପରିକ ଭାବେ ଚିତାଲାଗି କରାଯାଇଥିଲା । ବଡ଼ଭାଇ ବଳଭଦ୍ରଙ୍କୁ ୧୪, ସାନଭାଇ ଜଗନ୍ନାଥଙ୍କୁ ୧୧ ଓ ଭଉଣୀ ସୁଭଦ୍ରାଙ୍କୁ ୭ଟି ଝରାର ଚିତା ଲାଗି ହୋଇଥଲା। ଏଥିସହିତ ଚିତାଲାଗି ଅମାବାସ୍ୟା ଉପଲକ୍ଷେ ଶ୍ରୀ ବଳଦେବଜୀଉଙ୍କୁ ସ୍ୱତନ୍ତ୍ର ଭାବେ ବଡ ଚିତା ଅର୍ପଣ କରାଯାଇଥିଲା। ଠାକୁରଙ୍କୁ ଚିତାଲାଗି ହେବାପରେ ଖିରିପିଠା ମଣୋହି ହୋଇଥିଲା। ପରେ ଠାକୁରଙ୍କ ଦ୍ୱିପହର ଧୂପ କରାଯାଇ ପହୁଡ଼ ପଡ଼ିଥିଲା। ଏହା ପୂର୍ବରୁ ଦେବୋତ୍ତର କାର୍ଯ୍ୟାଳୟଠାରେ ସୁନା ଚିତା ୩ଟି, ରାମାନନ୍ଦୀ ଚିତା ୨ଟି ଓ ଚାନ୍ଦି ଥାଳି ୩ଟିକୁ ସଫା କରାଯାଇଥିଲା। ସ୍ୱର୍ଣ୍ଣକାର ସେବାୟତ ହଳଧର ସାହୁ, ପ୍ରହ୍ଲାଦ ସାହୁ, ମାଗୁଣି ସାହୁ, ଚକ୍ରଧାରୀ ସାହୁ, ଶ୍ରୀଧର ସାହୁ, ଯୁଧିଷ୍ଠିର ସାହୁ ପ୍ରମୁଖ ୩୦ ସେବାୟତ ଏଥିରେ ନିୟୋଜିତ ହୋଇଥିଲେ ବୋଲି ବରିଷ୍ଠ ସେବାୟତ ନୃସିଂହ ପ୍ରସାଦ ପତ୍ରୀ ସୂଚନା ଦେଇଛନ୍ତି। ଟ୍ରଷ୍ଟବୋର୍ଡ କାର୍ଯ୍ୟନିର୍ବାହୀ ବଳଭଦ୍ର ପତ୍ରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଚିତାଗୁଡିକ ତିନୋଟି ରୁପା ଥାଳିରେ ମନ୍ଦିର ବେଢ଼ାକୁ ଆଣି ଭଣ୍ଡାରରକ୍ଷକ ଭଗବାନ ସୁଆରଙ୍କୁ ଅର୍ପଣ କରାଯାଇଥିଲା।

## ନୟାଗଡ଼ରେ ୪ ନୂଆ କରୋନା ପଜିଟିଭ୍

ନୟାଗଡ଼ ଅଫିସ,୨୦ା୭

ନୟାଗଡ଼ ଜିଲାରେ ୧ ପୁରୁଷ ଓ ୩ ମହିଳା ଏପରି ମୋଟରେ ୪ କରୋନା ପଜିଟିଭ୍ ସୋମବାର ଚିହ୍ନଟ ପରେ ଆକ୍ରାନ୍ତଙ୍କ ସଂଖ୍ୟା ୩୪୫ରେ ପହଞ୍ଚିଛି। ଚିହ୍ନଟ ଆକ୍ରାନ୍ତଙ୍କ ମଧ୍ୟରୁ ନୟାଗଡ ବ୍ଲକରୁ ୧, ଦଶପଲ୍ଲାରୁ ୨, ରଣପୁର ବ୍ଲକ ଚାନ୍ଦପୁରରୁ ଜଣେ ଅଛନ୍ତି। ୪ଟି ଯାକ କେସ୍ ସ୍ଥାନୀୟ ଅଞ୍ଚଳରୁ ବାହାରିଥିବା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମୋଦ ନାୟକ ସୂଚନା ଦେଇଛନ୍ତି।

# ସରକାରୀ ଅନୁଦାନ ହଡ଼ପ ଅଭିଯୋଗ

ବରୀ, ୨୦ା୭ (ଡି.ଏନ.ଏ)

**କଳାମାଟିଆ ପଞ୍ଚାୟତ**
■ପଞ୍ଚାୟତସ୍ତରରେ ବୈଠକ ବସୁନି
■ମିଥ୍ୟା ବିଲ୍ କରି ଟଙ୍କା ଆତ୍ମସାତ
■ଅଭିଯୋଗ ଭିତ୍ତିହୀନ: ସରପଞ୍ଚ

ବରୀ ବ୍ଲକ୍ ଅଧିନ କଳାମାଟିଆ ପଞ୍ଚାୟତରେ ସରକାରୀ ଅନୁଦାନ ବେଆଇନ ଖର୍ଚ୍ଚ ଓ ବ୍ୟାପକ ଅର୍ଥ ଆତ୍ମସାତ କରାଯାଇଥିବା ପଞ୍ଚାୟତର ୱାର୍ଡସମଭ୍ୟାସଭ୍ୟ ଅଭିଯୋଗ କରିଛନ୍ତି। ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ଆସିଥିବା ଚତୁର୍ଥ ଓ ଚତୁର୍ଦ୍ଦଶ ଅର୍ଥ କମିଶନ ଅନୁଦାନ କେଉଁ କେଉଁ ଦିଗରେ ଖର୍ଚ୍ଚ କରାଯିବ ସେ ନେଇ ବୈଠକରେ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବା କଥା। ହେଲେ ଚଳିତବର୍ଷ ପଞ୍ଚାୟତସ୍ତରରେ କୌଣସି ବୈଠକ କରାଯାଇନାହିଁ। ଯାହାକୁ ନେଇ ସେମାନେ ତୀବ୍ର ଅସନ୍ତୋଷ ବ୍ୟକ୍ତ କରିବା ସହ ଉପ ଜିଲାପାଳ, ଜିଲା ପଞ୍ଚାୟତ ଅଧିକାରୀ ଓ ବରୀ ବିଡିଓଙ୍କୁ ଲିଖିତ ଅଭିଯୋଗ ଗତ ୧୬ ତାରିଖରେ ଡାକ ଯୋଗେ ପଠାଇଥିବା ଜଣାପଡ଼ିଛି।

ଅଭିଯୋଗ ମୁତାବକ, ପଞ୍ଚାୟତ କାର୍ଯ୍ୟାଳୟ ସୌନ୍ଦର୍ଯ୍ୟକରଣ କରାଯିବା ଆଳରେ ମହାତ୍ମା ଗାନ୍ଧୀ, ଗୌତମ ବୁଦ୍ଧ ଓ ଆମ୍ବେଡ଼କରଙ୍କ ପ୍ରତିମୂର୍ତ୍ତି ଲଗାଯାଇ ୧ ଲକ୍ଷ ୧୩ ହଜାର ୮ ଶହ ଟଙ୍କାର ବିଲ୍ ଅର୍ଥ ପଇଠ କରାଯାଇଛି। ମୂର୍ତ୍ତିଗୁଡ଼ିକ ପଥରକଳା ହସ୍ତଶିଳ୍ପ, ଓଳାଶୁଣୀରୁ କ୍ରୟ କରାଯିବାକୁ ପଞ୍ଚାୟତସ୍ତରୀୟ ବୈଠକରେ ନିଷ୍ପତ୍ତି ହୋଇଥିଲା। ହେଲେ ଉକ୍ତ ମୂର୍ତ୍ତିଗୁଡ଼ିକୁ ଲଳିତକଳା ହସ୍ତଶିଳ୍ପ, ଲଳିତଗିରିରୁ କ୍ରୟ କରାଯାଇଛି ବୋଲି ବିଲ୍‌ରେ ଉଲ୍ଲେଖ ରହିଛି। ଉକ୍ତ ସଂସ୍ଥା ମୂର୍ତ୍ତି ବାବଦକୁ ଅର୍ଥ ନେଇଥିଲେ ବି ଏହି ସଂସ୍ଥାର ପ୍ୟାଡରେ କୌଣସି ଷ୍ଟାମ୍ପ କିମ୍ବା ଦସ୍ତଖତ ନାହିଁ। ଏହାଛଡ଼ା ଗ୍ରାମ ଆଲୋକୀକରଣ ବ୍ୟବସ୍ଥାରେ ଉକ୍ତ ପଞ୍ଚାୟତର କଳାମାଟିଆ, ତଳକାଇପଡ଼ା, ଉପରକାଇପଡ଼ା, ବିଦ୍ରୁପା ଆଦି ଗ୍ରାମରେ ୫୨ଟି ୭୨ ୱାଟ ଏଲ୍‌ଇଡି ଲଗାଯିବା ବାବଦରେ ବିରଜା ଇଲେକ୍ଟ୍ରିକାଲ ଓ କନ୍‌ଷ୍ଟ୍ରକସନକୁ ୨୦୧୯ ଅଗଷ୍ଟ ୩୦ ତାରିଖରେ (ଚେକ୍ ନଂ.- ୫୯୦୭୦୨) ୮ଲକ୍ଷ ଟଙ୍କା ଦିଆଯାଇଛି। ହେଲେ ଉକ୍ତ ସଂସ୍ଥା ଦେଇଥିବା କମ୍ପ୍ଲିଶନ ସାର୍ଟିଫିକେଟ୍‌ରେ ଲାଇଟ ଲାଗିଥିବା ଗ୍ରାମଗୁଡିକର ନାମ ଉଲ୍ଲେଖ କରିଥିବା ବେଳେ ଏହା ବରୀ ବ୍ଲକର କଳାମାଟିଆ ପଞ୍ଚାୟତ ପରିବର୍ତ୍ତେ ଯାଜପୁର ବ୍ଲକର ମହେଶ୍ୱର ପଞ୍ଚାୟତ ବୋଲି ଉଲ୍ଲେଖ କରିଛନ୍ତି। ତେବେ ଅନୁଦାନ ଅର୍ଥ ହଡ଼ପ କରାଯାଇ ମିଥ୍ୟା ବିଲ୍ ପ୍ରସ୍ତୁତ କରାଯାଇଛି ବୋଲି ୱାର୍ଡ ସଭ୍ୟା ସ୍ୱର୍ଣ୍ଣଲତା ସାହୁ, ସସ୍ମିତା ମଳିକ, ସୁବାସିନୀ ଧଳ, ବିଦ୍ୟୁଲତା ଜେନା, ୱାର୍ଡ ସଭ୍ୟ ଦୁଃଶାସନ ସେଠୀ, ରମାକାନ୍ତ ଦାସ ପ୍ରମୁଖ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ସମୀର ମଲିକଙ୍କୁ ପଚାରିବାରେ ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ। ରାଜନୈତିକ ଆକ୍ରୋଶ ରଖି ଏଭଳି ଅଭିଯୋଗ କରାଯାଇଛି ବୋଲି କହିଛନ୍ତି। ବରୀ ଭାରପ୍ରାପ୍ତ ବିଡିଓ ଶାଶ୍ୱତ ଜେନା କୁହନ୍ତି, ୱାର୍ଡସଭ୍ୟାସଭ୍ୟ କରିଥିବା ଅଭିଯୋଗ ଏ ପର୍ଯ୍ୟନ୍ତ ଆମର ହସ୍ତଗତ ହୋଇନାହିଁ। ଅଭିଯୋଗ ପତ୍ର ପହଞ୍ଚିଲେ ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।



COMPLETION CERTIFICATE

Certified that we have verified the Installation of LED Street light along With All Accessories and found that 52 nos of LED Street light at- Kalamatia, Uperkaipada, Talakaipada, Bidrupa villages under Maheswarpur G.P of Jajpur Block, Jajpur have been Successfully installed.

Signature of the PEO

Signature of Junior Engineer G.E.Section Jajpur

M/s Biraja Electrical & Construction
Prop:-Dharanidhar Sahoo
Debidwar,Jajpur
Licence No-1999(HT)

# କାର୍ ମାଲିକ, କର୍ମଚାରୀଙ୍କ ଧାରଣା



ଧାରଣାରତ କାର୍ ମାଲିକ ଓ କର୍ମଚାରୀମାନେ।

ଜଗତ୍‌ସିଂହପୁର ଅଫିସ,୨୦ା୭

**କୋଭିଡ୍ ପରିଚାଳନାରେ ନିୟୋଜିତ କାର୍ ମାଲିକଙ୍କୁ ଭଡ଼ା ଦିଆଯାଇ ନ ଥିବା ଅଭିଯୋଗ**

କରୋନା ଭୂତାଣୁ (କୋଭିଡ୍-୧୯) ସଂକ୍ରମଣ ସମୟରେ କୋଭିଡ୍ ପରିଚାଳନାରେ ବିଭିନ୍ନ ବ୍ଲକ, ତହସିଲ, ଥାନା ଆଦିରେ ଶତାଧିକ କାର ଭଡ଼ା ସୂତ୍ରରେ ଲାଗିଥିଲା। ସେଥିରୁ କେତେକ ଅବ୍ୟାହତି ନେଇଥିବା ବେଳେ ୭୦ରୁ ଉର୍ଦ୍ଧ୍ୱ କାର୍ ଏବେ ସୁଦ୍ଧା ସେବାରେ ଲାଗିଛି । କିନ୍ତୁ ଏସବୁ କାର ମାଲିକମାନଙ୍କୁ ଏ ପର୍ଯ୍ୟନ୍ତ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଇନାହିଁ । ଏଭଳି ଅଭିଯୋଗ କରି ସୋମବାର କାର ମାଲିକ ଓ ଚାଳକମାନେ ଆନ୍ଦୋଳନକୁ ଓହ୍ଲାଇଥିଲେ । ସେମାନେ ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ କାରଗୁଡିକ ଧାଡିରେ ରଖି ପ୍ରତିବାଦ କରିଥିଲେ । ଯଥାଶୀଘ୍ର ଭଡ଼ା ବାବଦ ଅର୍ଥରାଶି ପ୍ରଦାନ କରା ନ ଗଲେ ଆନ୍ଦୋଳନ ତୀବ୍ର କରାଯିବ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ସରକାର କେତେକ ସରକାରୀ ବିଭାଗର କର୍ମଚାରୀଙ୍କୁ ଘରେ ବସାଇ ପ୍ରତି ମାସରେ ଦରମା ଦେଉଛନ୍ତି । ମାତ୍ର ପ୍ରବାସୀ ଓଡ଼ିଆ, ପୋଲିସ, ଓ ବିଭିନ୍ନ ସରକାରୀ ଅଧିକାରୀଙ୍କୁ ନେବା ଆଣିବାରେ ନିୟୋଜିତ ହୋଇଥିବା କାର ମାଲିକମାନଙ୍କୁ ଜିଲା ପ୍ରଶାସନ ପକ୍ଷରୁ ଭଡ଼ା ଦିଆଯାଉନାହିଁ। ଭଡ଼ା ଲାଗିବାରେ ୪ ମାସ ବିତିଯାଇଥିବା ବେଳେ ଆରମ୍ଭରୁ କେବଳ ୧୦ ହଜାର ଟଙ୍କା ଲେଖାଏଁ ଅଗ୍ରିମ ଦିଆଯାଇଛି ବୋଲି ସୁରେଶ ସାହୁ, ନିରଞ୍ଜନ ପଣ୍ଡା ପ୍ରମୁଖ ଅଭିଯୋଗ କରିଛନ୍ତି। କାର ମାଲିକମାନଙ୍କ ଭଡା ରାଶି ପାଖାପାଖି ୩୦ରୁ ୪୦ ଲକ୍ଷ ଟଙ୍କା ହୋଇଯାଇଥିବା ବେଳେ ଏହା ନ ମିଳିବାରୁ ସେମାନେ ଦୁର୍ଦ୍ଦିନରେ ଗତି କରୁଛନ୍ତି। ଏ ସମ୍ପର୍କରେ ଏକାଧିକ ବାର ଜିଲା ପ୍ରଶାସନକୁ ଅବଗତ କରାଯାଇ ଥିଲେ ମଧ୍ୟ ପାରିଶ୍ରମିକ ମିଳି ନ ଥିବାରୁ ଆନ୍ଦୋଳନାତ୍ମକ ପନ୍ଥା ଆପଣା ଯାଇଛି ବୋଲି କାର ମାଲିକମାନେ କହିଛନ୍ତି। ୪ ଦିନ ମଧ୍ୟରେ ପ୍ରାପ୍ୟ ପ୍ରଦାନ କରାଯିବା ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

